## ସଂକ୍ଷେପରେ

### ପ୍ରାର୍ଥିପତ୍ର ପ୍ରତ୍ୟାହାର କଲେ ପୂର୍ଣ୍ଣଚନ୍ଦ୍ର, ମୀନକେତନ

**ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.):** ମୋହନା ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥି ପୂର୍ଣ୍ଣଚନ୍ଦ୍ର ଗମାଙ୍ଗ ଓ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ମୀନକେତନ ଜେନା ଗୁରୁବାର ପ୍ରାର୍ଥିପତ୍ର ପ୍ରତ୍ୟାହାର କରି ନେଇଥିବା ପାରଳାଖେମୁଣ୍ଡି ଉପଜିଲାପାଳଙ୍କ କାର୍ଯ୍ୟାଳୟ ତଥା ନିର୍ବାଚନ ରିଟର୍ନିଂ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି। ତେବେ ପୂର୍ବରୁ ମୋହନା ନିର୍ବାଚନମଣ୍ଡଳୀ ପାଇଁ ୯ଜଣ ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ୮ଜଣ ପ୍ରାର୍ଥୀ ନାମାଙ୍କନ ଭରିଥିଲେ। ପୂର୍ଣ୍ଣଚନ୍ଦ୍ରଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ମୋହନା ନିର୍ବାଚନମଣ୍ଡଳୀରେ ୮ଜଣ ଓ ମୀନକେତନଙ୍କ ନାମାଙ୍କନ ପ୍ରତ୍ୟାହାର ପରେ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରେ ୭ଜଣ ପ୍ରାର୍ଥୀ ନିର୍ବାଚନ ଲଢିବେ। ମୀନକେତନ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବା ପରେ ବିଜେଡିରେ ମିଶିଛନ୍ତି। ପାରଳାଖେମୁଣ୍ଡି ରାଜପରିବାରର କଲ୍ୟାଣୀ ଦେବୀଙ୍କୁ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ବିଜେଡି ବିଧାୟକ ପ୍ରାର୍ଥୀ କରିଛି। ତେଣୁ ତାଙ୍କୁ ସହଯୋଗ କରିବାକୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛି ବୋଲି ମୀନକେତନ କହିଛନ୍ତି। ଏଠାରେ ସୂଚନା ଯୋଗ୍ୟ ଯେ ମୀନକେତନ ଜଣେ ଚାଷୀନେତା ହିସାବରେ ଗଜପତି ଜିଲା ଗୋଷାଣୀ ବ୍ଲକରେ ବେଶ୍ ଜଣାଶୁଣା। ତେବେ ସେ ଦଳରେ ମିଶିବା ପରେ ବିଜେଡି ଶିବିରରେ ଉତ୍ସାହ ଦେଖିବାକୁ ମିଳିଛି।

### ଭୋଗରାଇ ଭାଜପାରେ ବଢୁଛି ଆଶାୟୀଙ୍କ ସଂଖ୍ୟା

**ଭୋଗରାଇ,୨୮।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବିଧାନସଭା କ୍ଷେତ୍ରରେ ଭାଜପାର ପ୍ରାର୍ଥୀ ଚୟନକୁ ନେଇ ରାଜ୍ୟ ଓ ଜିଲା ନେତାଙ୍କ ମଧରେ ଦ୍ୱନ୍ଦ୍ୱ ଉପୁଜିଛି। ଅପରପକ୍ଷରେ ଏଠାରେ ମନ୍ତ୍ରୀ ଅନନ୍ତ ଦାସଙ୍କୁ ଚତୁର୍ଥଥର ପାଇଁ ବିଜେଡି ପକ୍ଷରୁ ଟିକେଟ ଦିଆଯିବା ଘୋଷଣା ପରେ କଂଗ୍ରେସର ଗତ ବିଧାନସଭା ପ୍ରାର୍ଥୀ ସତ୍ୟଶିବ ଦାସଙ୍କୁ ପୁଣି ପ୍ରାର୍ଥୀ କରାଯିବା ନେଇ ଚର୍ଚ୍ଚା ଜୋର ଧରିଛି।

ଭାଜପାରେ ଦିନକୁ ଦିନ ପ୍ରାର୍ଥୀ ଚୟନକୁ ନେଇ ସମୀକରଣ ବଦଳିବାରେ ଲାଗିଛି। ଦଳରେ ଗତ ବିଧାନସଭା ପ୍ରାର୍ଥୀ ପରେଶ ଚନ୍ଦ୍ର ନାୟକ, ଯୁବନେତା ସଞ୍ଜିବ କୁମାର ସାହୁ, ମାନସ ରଞ୍ଜନ ମହାନ୍ତି ଦଳୀୟ ଟିକେଟ ହାତେଇବା ନେଇ ଆଶାବାଦୀ ଥିବାବେଳେ ନିକଟରେ ବିଜେଡିର ବିଦ୍ରୋହୀ ନେତା ଆଶିଷ କୁମାର ମହାନ୍ତି ଭାଜପାରେ ସାମିଲ ପରେ ସ୍ଥିତି ଅଲଗା ହୋଇଛି। ଆଶିଷ ୨୦୦୨ ମସିହାରୁ ୨୦୧୨ ପର୍ଯ୍ୟନ୍ତ ଜିଲାପରିଷଦ ସଦସ୍ୟ ହୋଇଥିବା ବେଳେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, ଦଳର ଉପସଭାପତି, ୨୦୧୭ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସମିତି ସଦସ୍ୟ ଅଛନ୍ତି। ଏହାବ୍ୟତୀତ ରାଜନୈତିକ ପରିବାରରୁ ଆସିଥିବା ଏହି ଯୁବନେତା ଆସନ୍ତା ନିର୍ବାଚନରେ ଭାଜପାରୁ ଦଳୀୟ ଟିକେଟ ହାସଲ ପାଇଁ ଚେଷ୍ଟା ଚଳାଇଥିବା ଶୁଣିବାକୁ ମିଳୁଛି। ଅପରପକ୍ଷେ ଦଳର ପ୍ରାର୍ଥୀ ଚୟନ ବିଳମ୍ବ ହେଉଥିବାରୁ ଜଣେ ଯୁବ ବ୍ୟବସାୟୀ ଟିକେଟ ହାତେଇବା ଲାଗି ପ୍ରାଣପଣେ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି। ତେବେ ଦଳ କାହାକୁ ପ୍ରାର୍ଥୀ କରୁଛି ତାହା ଉପରେ ସମସ୍ତଙ୍କର ନଜର ରହିଛି।

■ ବ୍ରହ୍ମପୁର ଲୋକ ସଭା ଆସନ

# ନାମାଙ୍କନ ପ୍ରତ୍ୟାହାର କଲେ ଜଣେ, ୮ ରଣାଙ୍ଗନରେ

**ଛତ୍ରପୁର,୨୮।୩(ଡି.ଏନ.ଏ)**

ବ୍ରହ୍ମପୁର ଲୋକ ସଭା ଆସନ ପାଇଁ ଦାଖଲ ହୋଇଥିବା ନାମାଙ୍କନ ପତ୍ର ଯାଞ୍ଚ ଓ ପ୍ରତ୍ୟାହାର ପରେ ନିର୍ବାଚନ ରଣାଙ୍ଗନରେ ୮ ପ୍ରାର୍ଥୀ ରହିଛନ୍ତି। ସେମାନେ ହେଲେ କଂଗ୍ରେସରୁ ଭି. ଚନ୍ଦ୍ରଶେଖର ନାଇଡୁ, ବିଜେଡିରୁ ଚନ୍ଦ୍ରଶେଖର ସାହୁ, ବିଏସପିରୁ ତିରୁପତି ରାଓ କରନମ୍, ଭାଜପାରୁ ଭୃଗୁ ବକ୍ସିପାତ୍ର, ଓଡିଶା ପ୍ରଗତି ଦଳରୁ ଶ୍ରୀହରି ପଟ୍ଟନାୟକ, ଏସୟୁସିଆଇ(ସି)ରୁ ସୋମନାଥ ବେହେରା, ସ୍ୱାଧୀନ ପ୍ରାର୍ଥୀ ଚକ୍ରଧର ସାହୁ ଓ କେ. ଶ୍ୟାମବାବୁ ସୁବୁଦ୍ଧି। ସ୍ୱାଧୀନ ପ୍ରାର୍ଥୀ ବି. ବିଷ୍ଣୁ ପ୍ରସାଦ ସୁବୁଦ୍ଧି ଗୁରୁବାର ତାଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିନେଇଛନ୍ତି। ୨୦୦୯ ଓ ୨୦୧୪ ନିର୍ବାଚନରେ ବିଜେଡିରୁ ସିଦ୍ଧାନ୍ତ ମହାପାତ୍ର ବ୍ରହ୍ମପୁର ଏମ୍‌ପି ନିର୍ବାଚିତ ହୋଇଥିଲେ। ଗତଥର କଂଗ୍ରେସର ଚନ୍ଦ୍ରଶେଖର ସାହୁ ପରାଜିତ ହୋଇଥିଲେ। ମାତ୍ର ଚଳିତ ନିର୍ବାଚନରେ ସିଦ୍ଧାନ୍ତଙ୍କ ବଦଳରେ ବିଜେଡି ଟିକେଟରେ ଚନ୍ଦ୍ରଶେଖର ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି।

**ପୋଲସରାରୁ ୨, ଟିକିଟିରୁ ୧ ପ୍ରତ୍ୟାହାର**

ପୋଲସରା ବିଧାନସଭା ଆସନ ଲାଗି ଦାଖଲ ହୋଇଥିବା ପ୍ରାର୍ଥୀପତ୍ର ମଧ୍ୟରୁ ଗୁରୁବାର ୨ ପ୍ରାର୍ଥୀ ସେମାନଙ୍କ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି। ସେମାନେ ହେଲେ ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ନାୟକ ଓ ବୀର ବିକ୍ରମାଦିତ୍ୟ ଆରୁଖ। ସେହିପରି ଟିକିଟି ବିଧାନସଭା ଆସନ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ସ୍ୱାଧୀନ ପ୍ରାର୍ଥୀ ୱାଇ. ମୋହନ ରାଓ ନାମାଙ୍କନପତ୍ର ପ୍ରତ୍ୟାହାର କରିଛନ୍ତି।

**ଆସିକା ଲୋକ ସଭା ଆସନ: ୮ ନାମାଙ୍କନ କାଏମ**

ଆସିକା ଲୋକସଭା ଆସନ ପାଇଁ ଦାଖଲ ହୋଇଥିବା ୮ ନାମାଙ୍କନପତ୍ର ଯାଞ୍ଚ ପରେ କାଏମ ରହିଛି। ବିଜେଡିରୁ ପ୍ରମିଳା ବିଷୋୟୀ,ଭାଜପାରୁ ଅନୀତା ଶୁଭଦର୍ଶିନୀ, ବିଏସ୍‌ପିରୁ ପୂର୍ଣ୍ଣ ଚନ୍ଦ୍ର ନାୟକ, ସିପିଆଇରୁ ରାମକୃଷ୍ଣ ପଣ୍ଡା, ଅଲ୍ ଇଣ୍ଡିଆ ଫରୱାଡ୍ ବ୍ଲକ୍ ପକ୍ଷରୁ ରାଜୀବ ଚନ୍ଦ୍ର ଖାଡଙ୍ଗା, ସିଆଇ (ଏମଏଲ୍) ରେଡ୍ ଷ୍ଟାରରୁ ଶଙ୍କର ସାହୁ ଓ ସ୍ୱାଧୀନ ପ୍ରାର୍ଥୀ କେ. ଶ୍ୟାମବାବୁ ସୁବୁଦ୍ଧି, ଚକ୍ରଧର ସାହୁଙ୍କ ପ୍ରାର୍ଥିପତ୍ର କାଏମ ରହିଛି। ଗୁରୁବାର କେହି ନାମାଙ୍କନପତ୍ର ପ୍ରତ୍ୟାହାର କରି ନ ଥିବା ବେଳେ ଶୁକ୍ରବାର ପ୍ରତ୍ୟାହାରର ଶେଷ ଦିବସ ରହିଛି।

■ ଭାଜପା କର୍ମୀ ସମାବେଶ

# ପ୍ରଚାର ଆରମ୍ଭ କଲେ ପୀତାମ୍ବର



ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଓ ଅନ୍ୟମାନେ।

**ହିଞ୍ଜିଳିକାଟୁ, ୨୮।୩(ଡ଼ି.ଏନ୍.ଏ.)**

ହିଞ୍ଜିଳି ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଜପା ପ୍ରାର୍ଥୀ ପୀତାମ୍ବର ଆଚାର୍ଯ୍ୟ ଗୁରୁବାର ଶ୍ୟାମଳାଇ ମନ୍ଦିରରୁ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ପୀତାମ୍ବରଙ୍କ ସହ ଦଳୀୟ ନେତା ଦେବାନନ୍ଦ ମହାପାତ୍ର ପୂଜାର୍ଚ୍ଚନା କରି ନୂଆ ବୁରୁପୋଡ଼ା ଠାରେ ଏକ କର୍ମୀ ସମାବେଶରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ ବ୍ୟାପକ ଦୁର୍ନୀତି, ଅରାଜକତା ହୋଇଛି। ଜିଲାର ଯୁବକମାନେ ଅନ୍ୟତ୍ର ଯାଇ ଦାଦନ ଖଟୁଛନ୍ତି। ବର୍ତ୍ତମାନ ରାଜ୍ୟରେ ପରିବର୍ତ୍ତନର ବାତାବରଣ ସୃଷ୍ଟି ହୋଇଛି ବୋଲି ପୀତାମ୍ବର କହିଥିଲେ। ରାଜ୍ୟର ବିକାଶ ପାଇଁ ଭାଜପାକୁ କ୍ଷମତାକୁ ଆଣିବା ପାଇଁ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ଏଥିରେ ହିଞ୍ଜିଳିକାଟୁ ନଗର ସଭାପତି ମାଧବ ଗୌଡ଼, ନିରାକାର ସାହୁ, କୁମାରୀ ବରଡ଼, ବିକାଶ ଆଚାର୍ଯ୍ୟ, ଶିଶିର ମିଶ୍ର, ରାମକୃଷ୍ଣ ମହାନ୍ତି, ରବି ନାରାୟଣ ସାବତ ପ୍ରଭାକର ବେହେରାଙ୍କ ସମେତ ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକର ବହୁ କର୍ମୀ ଯୋଗଦେଇଥିଲେ।

## ଭାଗୀରଥିଙ୍କ ଗାଁ ବୁଲା ଅଭିଯାନ, ଜୟଦେବଙ୍କ କର୍ମୀ ବୈଠକ

**ହାଟଡିହୀ, ୨୮।୩(ଡି.ଏନ.ଏ.)**

ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ହାଟଡିହୀ ବ୍ଲକର ସୋଲପଟା ଆମ୍ବ ଗଛ ପଡ଼ିଆରେ କଂଗ୍ରେସର କର୍ମୀ ବୈଠକ ଆୟୋଜନ ହୋଇଯାଇଛି। ଏଥିରେ କଂଗ୍ରେସର ମେରା ବୁଥ ମେରା ଗୌରବ କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକ ପ୍ରାର୍ଥୀ ଜୟଦେବ ଜେନା ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମ ସମୟରେ ସଂଗ୍ରାମ କେଶରୀ ଜେନା, ପ୍ରଶାନ୍ତ ସ୍ୱାଇଁ, ଅନାଥ ନାୟକ, ବାବୁଲା କାଣ୍ଡି, ବ୍ଲକ ସଭାପତି ଚିତ୍ତରଞ୍ଜନ ପାତ୍ର ଉପସ୍ଥିତ ରହି ମେରା ବୁଥ ମେରା ଗୌରବ ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୯ ନିର୍ବାଚନ ପାଇଁ ଜୟଦେବ ଜେନା ବିଧାୟକ ପ୍ରାର୍ଥୀ କଂଗ୍ରେସରୁ ହୋଇଥିବାରୁ କଂଗ୍ରେସ କର୍ମୀମାନଙ୍କୁ ଏକତ୍ରୀତ କରିବା ସହିତ ସଙ୍ଗଠନକୁ ମଜଭୁତ କରିବାକୁ ଆଲୋଚନା ହୋଇଥିଲା। ସେହିପରି ଭାଜପା ବିଧାୟକ ପ୍ରାର୍ଥୀ ଭାଗିରଥୀ ସଠୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମ ବୁଲି ବୈଠକ ଆୟୋଜନ କରିବା ସହ ନିଜ ସପକ୍ଷରେ ଭୋଟ ସଂଗ୍ରହରେ ପ୍ରଚେଷ୍ଟା ଆରମ୍ଭ କରିଛନ୍ତି।

# ପ୍ରଜାପିତା ବ୍ରହ୍ମାକୁମାରୀର ଯୋଗ ତପସ୍ୟା କାର୍ଯ୍ୟକ୍ରମ




ଉଦ୍‌ଘାଟନୀ ଦିବସରେ ମଞ୍ଚାସୀନ ଅତିଥି।

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁର ଉପକଣ୍ଠ ରାମଚନ୍ଦ୍ରପୁର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ୪ ଦିନିଆ ଗହନ ଯୋଗ ତପସ୍ୟା କାର୍ଯ୍ୟକ୍ରମ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶଶିଭୂଷଣ ରଥ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ସଙ୍ଗୀତା ବାବୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଆଧ୍ୟାତ୍ମିକ ଜ୍ଞାନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ରଙ୍ଗେଇଲୁଣ୍ଡା ବ୍ଲକ ପୂର୍ବତନ ଅଧ୍ୟକ୍ଷା ପି. କମଳା ରେଡ୍ଡୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ ମାଉଣ୍ଟଆବୁ ଜ୍ଞାନାମୃତ ପତ୍ରିକା ସମ୍ପାଦିକା ବ୍ରହ୍ମାକୁମାରୀ ଉର୍ମିଳା, ନବରଙ୍ଗପୁର ସେବାକେନ୍ଦ୍ର ସଞ୍ଚାଳିକା ରାଜଭୋଗିନୀ ନିଲମ, ରାଉରକେଲା ସେବାକେନ୍ଦ୍ର ସଞ୍ଚାଳିକା ବ୍ରହ୍ମାକୁମାରୀ ବିମଳା, ଭଦ୍ରକ ସେବାକେନ୍ଦ୍ର ସଞ୍ଚାଳିକା ମଞ୍ଜୁ ମଞ୍ଚାସୀନ ଥିଲେ। ପାରିବାରିକ, କର୍ମମୟ ଜୀବନରେ ଶାନ୍ତି, ଅନ୍ୟର ସ୍ୱଭାବ ସହ ଖାପଖୁଆଇ ଚଳିବା ପାଇଁ ଆଧ୍ୟାତ୍ମିକ ଶିକ୍ଷା ଓ ଯୋଗର ଆବଶ୍ୟକତା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ବ୍ରହ୍ମାକୁମାରୀ ମାଳା ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମପୁର ସବ୍‌ଜୋନ ସଞ୍ଚାଳିକା ବ୍ରହ୍ମାକୁମାରୀ ମଞ୍ଜୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବ୍ରହ୍ମାକୁମାରୀ ସୋନିଆଙ୍କ ସମେତ ସମସ୍ତ ସଦସ୍ୟା ସହଯୋଗ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ମହିଳା ଅଂଶ ଗ୍ରହଣ କରିଥିଲେ।

# ସଚେତନତା ପାଇଁ ମିନି ମାରାଥନ୍

**ନୟାଗଡ଼ ଅଫିସ,୨୮।୩**

ଆଗାମୀ ସାଧାରଣ ନିର୍ବାଚନରେ ଯେପରି ସମସ୍ତେ ଭୋଟ ଦେବେ ସେହି ଲକ୍ଷ୍ୟରେ ବୁଧବାର ରନ ଫର ଭୋଟ ମିନି ମାରାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ମିନି ମାରାଥନ୍‌କୁ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଦକ୍ଷିଣକାଳୀ ମନ୍ଦିରଠାରେ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଦକ୍ଷିଣକାଳୀ ମନ୍ଦିରଠାରୁ ଆରମ୍ଭ ହୋଇଥିବା ଏହି ମାରାଥନ୍ ଡିଆରଡ଼ିଏ ରୋଡ଼ ଦେଇ ପିଟିଏସ୍‌ଠାରେ ଶେଷ ହୋଇଥିଲା। ପରେ ପିଟିଏସ୍‌ଠାରେ ହୋଇଥିବା ପୁରସ୍କାର ବିତରଣ ଉତ୍ସବରେ ଏସ୍‌ପି ଶଶିଭୂଷଣ ଶତପଥୀ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଉଭୟ ପୁରୁଷ ଓ ମହିଳା ବର୍ଗରେ ୩ ଜଣକୁ ପୁରସ୍କାର ବାବଦରେ ଅର୍ଥ ରାଶି ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏପିଡ଼ି ସନ୍ତୋଷୀ ସାହୁ, ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ଜିଲା ସମାଜିକ ସୁରକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବିରେ ଓକିଲ ସଂଘର ଆନ୍ଦୋଳନ

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇଆସୁଛି। ଏହି ଧାରାରେ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ବହୁ ଓକିଲ ଗୁରୁବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବାକୁ ଦାବି କରିଥିଲେ। ପ୍ରତି ମାସର ଶେଷ ୪ ଦିନ ଏଥିପାଇଁ ଗଞ୍ଜାମ ଓକିଲ ସଂଘ ତରଫରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଉଛି। ଚଳିତ ମାସ ଗୁରୁବାର ଠାରୁ ଓକିଲ ସଂଘ ପକ୍ଷରୁ କୋର୍ଟ କାର୍ଯ୍ୟ ବନ୍ଦ ରଖାଯାଇଛି। ଏହି ଆନ୍ଦୋଳନ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ସରକାର ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ ନେଇ ପାଲ୍ କମିଶନ ବସାଇଥିଲେ। ସେହି କମିଶନ ତା'ଙ୍କ ରିପୋର୍ଟ ଦେଇସାରିଛନ୍ତି। ହେଲେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦିଗରେ ସରକାର କୌଣସି ଉଦ୍ୟମ କରୁ ନ ଥିବା ସଂଘ ଅଭିଯୋଗ କରିଛି। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସଂଘ ତରଫରୁ ଅଭିଯୋଗ କରାଯାଉଛି। ଦକ୍ଷିଣ ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସରକାର ଖୁବଶୀଘ୍ର ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରନ୍ତୁ ବୋଲି ସଂଘ କର୍ମକର୍ତ୍ତା ଦାବି କରିଛନ୍ତି। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ମୋହନ ସିଙ୍ଗାରୀ, ଯୁଗ୍ମ ସମ୍ପାଦକ ବାପୁଜୀ ପଟ୍ଟନାୟକ, ବରିଷ୍ଠ ଆଇନଜୀବୀ ଶିଶିର କୁମାର ପାଢ଼ୀ, ମନୋଜ ପଟ୍ଟନାୟକ, କରୁଣାକର ପାଣିଗ୍ରାହୀ ଓ ରଘୁନାଥ ପାଣିଗ୍ରାହୀ ପ୍ରମୁଖଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆସନ୍ତା ୩୦ ତାରିଖରେ ଗଞ୍ଜାମ ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ବିଭିନ୍ନ ପଦବୀ ପାଇଁ ୧୫ ଜଣଙ୍କ ପ୍ରାର୍ଥିପତ୍ର କାଏମ ରହିଥିବା ବେଳେ ସଭାପତି ପଦବୀ ପାଇଁ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ଶେଷ ୪ ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ପ୍ରଚାର ମାନ୍ଦା ପଡ଼ିଯାଇଥିବା ଦେଖିବାକୁ ମିଳିଛି।

# କ୍ରୀଡ଼ା ପ୍ରତିଭା ଚୟନ ଶିବିର



ଶିବିରରେ ଭାଗ ନେଇଥିବା ଖେଳାଳିମାନେ।

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁର ଷ୍ଟାଡିୟମ୍‌ରେ ଗଞ୍ଜାମ ଜିଲାସ୍ତରୀୟ ଦୁଇ ଦିନିଆ କ୍ରୀଡ଼ା ପ୍ରତିଭା ଚୟନ ଶିବିର ଗୁରୁବାରଠାରୁ ଆରମ୍ଭ ହୋଇଯାଇଛି। ରାଜ୍ୟ ସରକାରଙ୍କ କ୍ରୀଡ଼ା ଏବଂ ଯୁବସେବା ବିଭାଗ ତରଫରୁ ଏହା ଆୟୋଜିତ ହୋଇଛି। ଏଥିରେ ମୋଟ ୨୨୫ ଖେଳାଳି ଏବଂ ୭୦ଜଣ ଅଫିସିଆଲ୍ ଅଂଶଗ୍ରହଣ କରିଛନ୍ତି। ପୂର୍ବରୁ ଜିଲାର ସମସ୍ତ ବ୍ଲକ ଏବଂ ସହରାଞ୍ଚଳରେ ପ୍ରତିଭା ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ସେଥିରୁ ମନୋନୀତ ହୋଇଥିବା ଖେଳାଳିଙ୍କୁ ଏହି ପ୍ରତିଭା ଚୟନ ଶିବିରରେ ଭାଗନେବାକୁ ସୁଯୋଗ ଦିଆଯାଇଛି। ଜିଲାସ୍ତରୀୟ ଟ୍ୟାଲେଣ୍ଟ ସ୍କାଉଟିଂରେ ବାସ୍କେଟବଲ୍, ଭଲିବଲ୍, ଭାରୋତ୍ତୋଳନ, ଦୌଡ଼କୁଦ, ସନ୍ତରଣ, ହକି ଏବଂ ତୀରନ୍ଦାଜୀରୁ ୫୦ଜଣ ଖେଳାଳିଙ୍କୁ ରାଜ୍ୟସ୍ତରୀୟ ପ୍ରତିଭା ଚୟନ ଶିବିରରେ ଯିବାକୁ ସୁଯୋଗ ଦିଆଯିବ।

# ଲତିକାଙ୍କ ନିର୍ବାଚନୀ ବୈଠକ

**ବେଗୁନିଆପଡ଼ା,୨୮।୩(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ନିକଟ କଲ୍ୟାଣୀ ମଣ୍ଡପଠାରେ ଗୁରୁବାର ୪୬ ନଂ. ଜୋନର ସମସ୍ତ ପଞ୍ଚାୟତର ବିଜେଡି କର୍ମୀମାନଙ୍କୁ ନେଇ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କବିସୂର୍ଯ୍ୟନଗର ବିଧାନସଭା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ ଯୋଗଦେଇ ବିଜେଡିର ଜନହିତକର ଯୋଜନା, ମହିଳାମାନଙ୍କୁ ଅଗ୍ରାଧିକାର, ନବୀନ ବାବୁଙ୍କ ଭାବମୂର୍ତ୍ତି, ଖଲ୍ଲିକୋଟ ରାଣୀଙ୍କ ଆଶୀର୍ବାଦ, ଉପରେ ଆଲୋଚନା କରିଥିଲେ। ଲୋକଙ୍କ ସହ ବ୍ୟକ୍ତିଗତ ଭାବେ ପରିଚିତ ହେବା ସହ ବିଭିନ୍ନ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ନିର୍ବାଚନରେ ବିଜେଡି ପ୍ରାର୍ଥୀଙ୍କୁ ଶଙ୍ଖଚିହ୍ନରେ ଭୋଟ ଦେଇ ଜିତାଇବାକୁ ଅନୁରୋଧ କରିଥିଲେ। ବ୍ଲକ ସଭାପତି ବିଜୟ କୁମାର ଦୋରା, ଜିଲା ପରିଷଦ ସଦସ୍ୟ ପ୍ରଫୁଲ୍ଲ ଚନ୍ଦ୍ର ତିଆଡ଼ି, ତ୍ରିନାଥ ଭୂୟାଁ, ସମ୍ପାଦକ ଶରତ ଚନ୍ଦ୍ର ପାଣ୍ଡି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦେବରାଜ ସାହୁ, ରଘୁନାଥ ସାହୁ, ନୀଳାଞ୍ଚଳ ପୋଲାଇ, ରମେଶ ଚନ୍ଦ୍ର ପଣ୍ଡା, ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ମହିଳା ସଂଘର ସଦସ୍ୟ ଯୋଗ ଦେଇଥିଲେ।



ଲତିକା ପ୍ରଧାନ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

# ୮ ପ୍ରାର୍ଥୀଙ୍କୁ ନେଇ ପ୍ରଶାସନର ବୈଠକ

**ଛତ୍ରପୁର,୨୮।୩(ଡି.ଏନ.ଏ)**

ଛତ୍ରପୁର ବିଧାନସଭା ଆସନ ପାଇଁ ୮ଜଣ ନିର୍ବାଚନ ରଣାଙ୍ଗନରେ ଅଛନ୍ତି। ସେମାନେ ହେଲେ ସିପିଆଇର ପ୍ରଦୀପ କୁମାର ସେଠୀ, ଭାଜପାର ପ୍ରଶାନ୍ତ କର, ବିଏସପିର ରାମହରି ବେହେରା, ବିଜେଡିର ସୁବାସ ଚନ୍ଦ୍ର ବେହେରା, ରାଷ୍ଟ୍ରୀୟ ସ୍ୱାଧୀନ ମୋର୍ଚ୍ଚାର ନଟବର ବେହେରା, ସ୍ୱାଧୀନରୁ ଚୈତନ୍ୟ ପ୍ରଧାନ, ସସ୍ମିତା କର ଓ ସୁରେନ୍ଦ୍ର ବେହେରା। ଏମାନଙ୍କୁ ନେଇ ଛତ୍ରପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଗୁରୁବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ରହ୍ମପୁର ଲୋକସଭା ଆସନ ପାଇଁ ନିଯୁକ୍ତ ସାଧାରଣ ପର୍ଯ୍ୟବେକ୍ଷକ ଉତ୍ତମ କୁମାର ଚକମା, ଛତ୍ରପୁର ଉପଜିଲାପାଳ ତଥା ରିଟର୍ନିଂ ଅଫିସର ପ୍ରିୟ ରଞ୍ଜନ ପୃଷ୍ଟି, ଡେପୁଟି ସବକଲେକ୍ଟର ସଚ୍ଚିଦାନନ୍ଦ ନାୟକ, ସହକାରୀ ରିଟର୍ନିଂ ଅଫିସର ଅବନୀ କୁମାର ସାହୁ, ଆସିଷ୍ଟାଣ୍ଟ କଲେକ୍ଟର ବିକ୍ରମ ଦୋରା ଉପସ୍ଥିତ ଥିଲେ। ପ୍ରଚାର ପାଇଁ ଗାଡି, ଷ୍ଟେଜ୍, ସାଉଣ୍ଡ, ରାଲି ପାଇଁ ଆଗୁଆ ଅନୁମତି ନେବା ଜରୁରୀ ବୋଲି କୁହାଯାଇଥିଲା। ଏଥିସହ ଆଦର୍ଶ ଆଚରଣ ବିଧି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବ୍ୟାଙ୍କରେ ଖୋଲା ଯାଇଥିବା ଜିରୋ ଆକାଉଣ୍ଟରେ ଟଙ୍କା ଜମା କରାଯିବ ଏବଂ ସେଥିରୁ ଉଠାଇ ନିର୍ବାଚନ ପ୍ରଚାର ଆଦି ପାଇଁ ଟଙ୍କା ଖର୍ଚ୍ଚ କରିବାକୁ କୁହାଯାଇଛି। ରାଲି ଓ ପ୍ରଚାରର ଭିଡିଓ ରେକର୍ଡିଂ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଛତ୍ରପୁର ନିର୍ବାଚନମଣ୍ଡଳୀରେ ଦିବ୍ୟାଙ୍ଗ ଭୋଟର ଥିବା ବୁଥ୍‌କୁ ଚିହ୍ନଟ କରାଯାଇଛି। ଭୋଟ ଦେବା ପାଇଁ ଦିବ୍ୟାଙ୍ଗ ଭୋଟରମାନଙ୍କୁ ସେକ୍ଟର ଅଫିସରମାନେ ଘରୁ ଆଣିବେ। ଚଳିତ ଥର ୫ ମଡେଲ୍ ବୁଥ୍ ଏବଂ ଛତ୍ରପୁର ଓ ଗଞ୍ଜାମରେ ଗୋଟିଏ ଲେଖାଏ ପିଙ୍କ୍ ବୁଥ୍ କରାଯିବ ବୋଲି ସୂଚନା ଦିଆଯାଇଥିଲା।



ବୈଠକରେ ଉପସ୍ଥିତ ପ୍ରାର୍ଥୀ ଓ ଅନ୍ୟମାନେ।

**ଛତ୍ରପୁର ଆସନ**

■ ଆଦର୍ଶ ଆଚରଣ ବିଧି ପାଳନ କର

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ୨ ଭଉଣୀଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୮।୩:** ପୋଖରୀରେ ବୁଡ଼ି ଗୁରୁତର ଥିବା ଦୁଇ ଭଉଣୀଙ୍କ ବ୍ରହ୍ମପୁର ବଡ଼ ମେଡିକାଲରେ ଗୁରୁବାର ମୃତ୍ୟୁ ଘଟିଛି। ସେମାନେ ହେଲେ କବିତା ଦଳେଇ (୧୨) ଓ ତାଙ୍କ ସାନଭଉଣୀ ହାରିନା ଦଳେଇ (୮) ଓ ଘର ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ବୋଲି ମେଡିକାଲ ଫାଣ୍ଡି ପୋଲିସ ସୂଚନା ଦେଇଛି । ଦୁଇ ଭଉଣୀଙ୍କ ମୃତଦେହ ଜବତ କରି ପୋଲିସ ପୃଥକ ଭାବେ ନଂ.୧୫୨/୧୯ ଓ ୧୫୩/୧୯ରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରିଛି । ପ୍ରକାଶ ଯେ,ମୋହନ ନାରାୟଣ ଦଳେଇଙ୍କର ୨ ଝିଅ କବିତା ଓ ହାରିନା ନିଜ ସମ୍ପର୍କୀୟଙ୍କ ଘର ଖୋର୍ଦ୍ଧା ଜିଲା ବାଣପୁରକୁ ଆସିଥିଲେ। ବୁଧବାର ସକାଳେ ସେମାନେ ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଗାଧୋଉଥିବା ବେଳେ ଅସାବଧାନତା ଯୋଗୁ ଦୁଇ ଭଉଣୀ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ରେଫର କରାଯାଇଥିଲା। ସେଠାରେ ସେମାନଙ୍କର ମୃତ୍ୟୁ ଘଟିଛି । ପାଣିରେ ବୁଡ଼ିଯିବାରୁ ଦୁଇ ଭଉଣୀଙ୍କ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ଫଳରେ ସେମାନଙ୍କର ମୃତ୍ୟୁ ଘଟିଛି ବୋଲି ଡ଼ାକ୍ତର କହିଛନ୍ତି ।

### ଦେବୋତ୍ତର ଜାଗାରୁ ଜବରଦଖଲ ଘର ଉଚ୍ଛେଦ

**ଦଶପଲ୍ଲା,୨୮।୩(ଡି.ଏନ.ଏ.):** ସ୍ଥାନୀୟ ଗଣେଶ ବଜାରସ୍ଥିତ ଏକ ଦେବୋତ୍ତର ଜାଗାରୁ ତହସିଲ ପକ୍ଷରୁ ଜବର ଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘବର୍ଷ ଧରି କମଳା ସାବତ ନାମକ ଜଣେ ମହିଳା ଦେବୋତ୍ତର ଜାଗାରେ ଘରକରି ରହିଆସୁଥିଲେ। ଗୁରୁବାର ଉକ୍ତ ଘରକୁ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ଦଳବେହେରାଙ୍କ ଉପସ୍ଥିତିରେ ଭଙ୍ଗା ଯାଇଛି ।
ଏହି ଜାଗାକୁ ନେଇ ବାରମ୍ଵାର ଅଭିଯୋଗ ହେବା ସହ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ଉକ୍ତ ଜାଗାରେ ଏକ ମାର୍କେଟ କମ୍ପ୍ଲେକ୍ସ କରାଯିବ । ଘର ଭାଙ୍ଗିବା ପୂର୍ବରୁ ସାବତଙ୍କ ପରିବାରକୁ ନୋଟିସ କରାଯାଇଥିଲେ ମଧ୍ୟ ସେ ଶୁଣିନଥିଲେ । ଦଶପଲ୍ଲାର ବିଭିନ୍ନ ସରକାରୀ ଜାଗାରେ ବେଆଇନ ଘର ନିର୍ମାଣକୁ ଦୃଢ଼ ହସ୍ତରେ ଦମନ କରାଯିବ ବୋଲି ତହସିଲଦାର ଦଳବେହେରା ପ୍ରକାଶ କରିଛନ୍ତି।

### ମଞ୍ଚାୟନ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ

**ନୟାଗଡ଼ ଅଫିସ,୨୮।୩:** ନୟାଗଡ଼ ମଞ୍ଚ ନାଟକ ଅନୁଷ୍ଠାନଗୁଡିକୁ ନେଇ ଗଠନ କରାଯାଇଥିବା ମଞ୍ଚାୟନ ଅନୁଷ୍ଠାନ ପକ୍ଷରୁ ବୁଧବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ମଞ୍ଚାୟନର ସଭାପତି ଡ. ବିଜୟକୁମାର ଚୌଧୁରୀ, ତିରୁପତି ବିଶ୍ୱବିଦ୍ୟାଳୟ ସଂସ୍କୃତି ବିଭାଗର ସହ ପ୍ରାଧାପକ ଡ. ଭାରତ ଭୂଷଣ ରଥ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଉପସଭାପତି ଯାମିନୀକାନ୍ତ ମିଶ୍ର, କୋଷାଧକ୍ଷ ପ୍ରଶାନ୍ତ ସାମନ୍ତରାୟ ଏବଂ ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ଅତିଥିଭାବେ ଯୋଗ ଦେଇ ଆମେ ନାଟୁଆ ଆଲୋଚନା ଚକ୍ରରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋପୀନାଥ ସେଠୀଙ୍କ ମଞ୍ଚ ସଂଯୋଜନାରେ ନୟାଗଡ଼ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ମାତୃତ୍ୱର ବିକାଶ ସଙ୍ଗୀତ ଭିତ୍ତିକ ନାଟକ ମଞ୍ଚସ୍ଥ ହୋଇଥିଲା। ଅମୀୟ କୁମାର ମିଶ୍ର ଏହାକୁ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ନିରଞ୍ଜନ ସାହୁ। ଲୋକ ନାଟକ ପର୍ଯ୍ୟାୟରେ ବିଶିଷ୍ଟ ଦାଶକାଠିଆ ଗାୟକ ବିଶ୍ୱନାଥ ପ୍ରଧାନ ଏବଂ ପାଳିଆ ଦଣ୍ଡପାଣି ବେହେରାଙ୍କ ଦ୍ୱାରା ରାଘବ ବିଳାସ ପରିବେଷଣ କରାଯାଇଥିଲା। ସେହିପରି ବରେଣ୍ୟ କଥାକାର ମନୋଜ ଦାସଙ୍କ ଗଳ୍ପ ଜହ୍ନ ଲୋକର ସେତୁକୁ ନିର୍ଦ୍ଦେଶକ ଆଶୁତୋଷ ମିଶ୍ର ନାଟ୍ୟ ରୂପାନ୍ତର କରିଥିଲେ। ଏହି ନାଟକରେ କଳାକାରମାନଙ୍କ ଅଭିନୟ ଅତି ହୃଦୟସ୍ପର୍ଶୀ ହେଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରସିଦ୍ଧ ମଞ୍ଚ ନାଟକ ଅଭିନେତା ଓ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ଉପସ୍ଥିତିରେ ଆମେ ନାଟୁଆ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଜୟଶ୍ରୀ ଦେବୀଙ୍କ ସଂଯୋଜନାରେ ହୋଇଥିବା ଏହି ଆଲୋଚନା ଚକ୍ରରେ ନାଟ୍ୟ ନିର୍ଦ୍ଦେଶକ ଭଗବତୀ ଚରଣ ପଟ୍ଟନାୟକ, ଅଭିନେତା ବିରୁପାକ୍ଷ ସ୍ୱାଇଁ, ଅଧାପକ ଗଣେଶ ମିଶ୍ର ନାଟ୍ୟ ଜୀବନର ଅନୁଭବ ଉପସ୍ଥାପନ କରିଥିଲେ।

# ଆଜିଠୁ ମା’ ବୁଢ଼ୀଠାକୁରାଣୀ ଯାତ୍ରା

- ଶେଷ ପର୍ଯ୍ୟାୟରେ ପ୍ରସ୍ତୁତି
- ମା’ଙ୍କ ଆଗମନକୁ ଅପେକ୍ଷା
- ଦିନକ ଆଗରୁ ଉତ୍ସବମୁଖର ଯାତ୍ରାସ୍ଥଳ

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁର ପ୍ରସିଦ୍ଧ ମା’ ବୁଢ଼ୀଠାକୁରାଣୀ ଯାତ୍ରା ଶୁକ୍ରବାରରୁ ଆରମ୍ଭ ହେବ । ମା’ ବୁଢୀଠାକୁରାଣୀ ଶାଶୁ ଘର ତଥା ନିଜ ମନ୍ଦିରରୁ ଆସି ଦେଶୀବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ବିଜେ କରିବେ । ଦୁଇବର୍ଷ ପରେ ମା’ଙ୍କ ଆଗମନ ହେଉଥିବାରୁ ଏନେଇ ଏବେ ବେଶ ଚଳଚଞ୍ଚଳ ହୋଇଉଠିଛି ବ୍ରହ୍ମପୁର ବଡବଜାର ଅଞ୍ଚଳର ଦେଶୀବେହେରା ସାହି। ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ଏବେ କେବଳ ମା’ଙ୍କ ଆଗମନକୁ ଅପେକ୍ଷା କରିଛନ୍ତି ଦେଶୀବେହେରା ସାହି ବାସିନ୍ଦା । ଗୋଟିଏ ପଟେ ମା’ଙ୍କ ଅସ୍ଥାୟୀ ମଣ୍ଡପର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ମା’ଙ୍କୁ ସ୍ୱାଗତ ପାଇଁ ମଧ୍ୟ ବିଭିନ୍ନ ସଂଘ ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଯାତ୍ରାସ୍ଥଳରେ ଶ୍ରଦ୍ଧାଳୁଙ୍କୁ ଖରା ଦାଉରୁ ରକ୍ଷା କରିବାକୁ ଦେଶୀବେହେରା ସାହି ବଣିକ ସଂଘ ପକ୍ଷରୁ ୨୫୦ ଫୁଟ ଲମ୍ବ, ୧୩ ଫୁଟ ୬ ଇଞ୍ଚ ଉଚ୍ଚତାର ଛାମୁଣ୍ଡିଆ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା


ଜଣେ କାରିଗର ଅସ୍ଥାୟୀ ମଣ୍ଡପର ବ୍ୟାରିକେଡ଼କୁ ରଙ୍ଗ ଦେଉଛନ୍ତି ।

ବେଳେ ରାତିରେ ସୋଲପଡାଳ ଦ୍ୱାରା ଛାମୁଣ୍ଡିଆକୁ ଆଚ୍ଛାଦିନ କରାଯାଇଛି । ଏହାବ୍ୟତୀତ ଦେଶୀବେହେରା ସାହି ୱେଲଫର ଆସୋସିଏଶନ, ତ୍ରିନାଥ ପଟାରିକ୍ସା ସଂଘ, ନଡିଆ ଗୁର୍ଜି ରାମରାଜ୍ୟ କମିଟି ପକ୍ଷରୁ ମଧ ଛାମୁଣ୍ଡିଆ ନିର୍ମାଣ କରାଯାଇଛି । ଅନ୍ୟପକ୍ଷରେ ଶୁକ୍ରବାରଠାରୁ ପ୍ରଶାସନ ପକ୍ଷରୁ ପୋଲିସ ଫୋର୍ସ, ଅଗ୍ନିଶମ କର୍ମଚାରୀ, ସ୍ୱାସ୍ଥ୍ୟ ଟିମ୍ ରହିବାକୁ ଥିବା ବେଳେ ଯାତ୍ରା କମିଟି ପକ୍ଷରୁ ଅସ୍ଥାୟୀ ମଣ୍ଡପ ନିକଟରେ ସେମାନଙ୍କ ପାଇଁ ଅସ୍ଥାୟୀ ଷ୍ଟଲର ବ୍ୟବସ୍ଥା କରାଯାଇଥିବା ଯାତ୍ରା ପରିଚାଳନା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି । ସେହିପରି ଶ୍ରଦ୍ଧାଳୁଙ୍କ ସକାଶେ ଯାତ୍ରାସ୍ଥଳରେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୨ ଅସ୍ଥାୟୀ ଷ୍ଟାଣ୍ଡପୋଷ୍ଟ ନିର୍ମାଣ ମଧ୍ୟ କରାଯାଇଛି । ଅନ୍ୟପକ୍ଷେ ଶୁକ୍ରବାର ସକାଳେ ପରମ୍ପରା ଅନୁଯାୟୀ ଶଙ୍କରପୁର ବାଉରି ସାହିର ମହିଳାମାନେ ମା’ଙ୍କ ମଣ୍ଡପ ଝୋଟି ଦ୍ୱାରା ଚିତ୍ରିତ କରିବେ । ସକାଳେ ପାରମ୍ପରିକ ଭାବେ ଧେଣ୍ଟୁରା ମରାଯିବା ପରେ ମା’ ବୁଢ଼ୀଠାକୁରାଣୀ ଓ ମା’ ସାନଠାକୁରାଣୀଙ୍କୁ ନିମନ୍ତ୍ରଣ କରାଯିବା ପରେ ରାତିରେ ମା’ଙ୍କ ମନ୍ଦିରରୁ ବିରାଟ ପଟୁଆରରେ ସାହି ପରିକ୍ରମା କରି ଶୁକ୍ରବାର ବିଳମ୍ବିତ ରାତ୍ରିରେ ଅସ୍ଥାୟୀ ମଣ୍ଡପରେ ପହଞ୍ଚିବେ ବୋଲି ଯାତ୍ରା ପରିଚାଳକ ପି. ଦୁର୍ଗାପ୍ରସାଦ ଦେଶୀବେହେରାଙ୍କ ସହଯୋଗୀ ସତ୍ୟନାରାୟଣ ନନ୍ଦ ସୂଚାଇଛନ୍ତି ।

## ଗୋପାଳପୁର ନିର୍ବାଚନମଣ୍ଡଳୀ ବିଜେଡି କର୍ମୀ ସମ୍ମିଳନୀ


କର୍ମୀ ସମାବେଶରେ ଜିଲା ସଭାପତିଙ୍କ ଉଦ୍‌ବୋଧନ ।

**ବ୍ରହ୍ମପୁର ଅଫିସ,୨୮।୩**

ଗୋପାଳପୁର ନିର୍ବାଚନ ମଣ୍ଡଳୀସ୍ତରୀୟ ବିଜେଡି କର୍ମୀ ସମ୍ମିଳନୀ ଗୁରୁବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ରଙ୍ଗେଇଲୁଣ୍ଡା ବ୍ଲକର ୩୨ ଏବଂ କୁକୁଡ଼ାଖଣ୍ଡି ବ୍ଲକର ୫ ପଞ୍ଚାୟତ ଓ ଗୋପାଳପୁର ଏନ୍‌ଏସିର ଦଳୀୟ କର୍ମୀ, ବ୍ଲକ କର୍ମକର୍ତ୍ତା, ଜିଲା ପରିଷଦ ସଦସ୍ୟା, ସଦସ୍ୟ, ସରପଞ୍ଚ ଓ ସମିତିସଭ୍ୟା ସଭ୍ୟ ଏଥିରେ ଯୋଗ ଦେଇଥିଲେ । ବିଧାୟକ ତଥା ଜିଲା ବିଜେଡି ସଭାପତି ପ୍ରଦୀପ କୁମାର ପାଣିଗ୍ରାହୀ ଅଧ୍ୟକ୍ଷତା କରି ନିର୍ବାଚିତ ରଣନୀତି ନେଇ ମନ୍ତ୍ର ଫୁଙ୍କିଥିଲେ। ଯୁବ ବିଜେଡି ରାଜ୍ୟ ସହ ଉପଦେଷ୍ଟା କୈଳାସ ରଣା, ଜିଲା ଯୁବ ବିଜେଡି ସଭାପତି ଏନ. ଧନଞ୍ଜୟ ରାଓଙ୍କ ସହ ତାଙ୍କ ଟିମ୍, ମହିଳା ଓ ଛାତ୍ର ସଂଗଠନ କର୍ମକର୍ତ୍ତା ଓ କର୍ମୀ, ବିଆରଏମସିଏସ ସଭାପତି ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।
ଓଡ଼ିଶା ପ୍ରତି କେନ୍ଦ୍ର ମୋଦି ସରକାର ସମସ୍ତ କ୍ଷେତ୍ରରେ ଅବହେଳା ଏବଂ ରାଜ୍ୟ ସରକାରଙ୍କ ବହୁମୁଖୀ ଜନକଲ୍ୟାଣ ଯୋଜନାକୁ ମୁଖ୍ୟ ପ୍ରସଙ୍ଗ କରି ନିର୍ବାଚନ ପ୍ରଚାର କରିବାକୁ ପ୍ରଦୀପ ସଚେତନ କରାଇଥିଲେ । ଚଳିତ ନିର୍ବାଚନରେ ଦଳ ଯେଭଳି ବହୁମତ ପ୍ରକାଶ ପାଇବ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ୫ମଥର ସରକାର ଗଢ଼ିବେ ସେଥିପାଇଁ କର୍ମୀ ଓ ଆଞ୍ଚଳିକ କର୍ମକର୍ତ୍ତାମାନେ ତ୍ୟାଗ ସ୍ୱୀକାର କରି ପ୍ରଚାର ମଇଦାନକୁ ଓହ୍ଲାଇବା ନିମନ୍ତେ ବିଧାୟକ ପରାମର୍ଶ ଦେଇଥିଲେ।

## ଟ୍ରକ୍-ବାଇକ୍ ଦୁର୍ଘଟଣା: ଫେରାର ଡ୍ରାଇଭର ଗିରଫ

**ବ୍ରହ୍ମପୁର ଅଫିସ,୨୮।୩**

ସଦର ଥାନା ପୋଲିସ ଦୁର୍ଘଟଣା ଘଟାଇ ଫେରାର ଥିବା ଟ୍ରକ ଡ୍ରାଇଭରଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପୁରୁଷୋତ୍ତମପୁର ଥାନା ଭାଟକୁମରଡ଼ା ଗ୍ରାମର ପର୍ଶୁ ସେଠୀ (୫୦)। ନଂ. ୮୨/୧୯ରେ ପର୍ଶୁଙ୍କୁ ଗୁରୁବାର କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି। ପ୍ରକାଶଯେ, ବୁଧବାର ସକାଳେ ଡେଙ୍ଗାପଦର ଛକରେ ଏକ ଟ୍ରକ ଧକ୍କାରେ ବାଇକ୍ ଚାଳକ ଗାନ୍ଧୀନଗରର ଏନ୍. ଗୋପାଳ ରାଓ ଗୁରୁତର ହୋଇଥିଲେ। ସେ ବାଇକ୍ (ନଂ. ଓଆର୧୨-୯୫୧୫)ରେ ଦିଗପହଣ୍ଡି ଯାଉଥିଲେ। ସକାଳ ସାଢ଼େ ୮ଟାରେ ଡ଼େଙ୍ଗାପଦର ଛକରେ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରକ (ନଂ ଓଆର୦୭ବି୨୯୪୧) ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଫଳରେ ସେ ଛିଟିକି ପଡ଼ିଥିଲେ। ତାଙ୍କ ଗୋଡ଼ ଉପରେ ଟ୍ରକ ମାଡ଼ି ଯାଇଥିଲା । ଘଟଣା ପରେ ଡ୍ରାଇଭର ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଗୁରୁତର ଗୋପାଳଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିଲେ।

ବ୍ରହ୍ମପୁର ବିଧାନସଭା କ୍ଷେତ୍ର
## ଭାଜପାର ବିଦ୍ରୋହୀ ପ୍ରାର୍ଥୀ ପିଣ୍ଟୁ ଦାସ

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁର ବିଧାନସଭା କ୍ଷେତ୍ରରେ ଭାଜପାର ବିଦ୍ରୋହୀ ପ୍ରାର୍ଥୀ ହୋଇଛନ୍ତି ମହାନଗର ନିଗମ (ବିଏମ୍‌ସି)ର ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ । ସେ ଦୀର୍ଘଦିନରୁ ବିଭିନ୍ନ ମାମଲାରେ ଛନ୍ଦି ବିଚାର ବିଭାଗ ହାଜତରେ ଅଛନ୍ତି। ମଣ୍ଡଳ କାରାଗାରରୁ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବା ପାଇଁ ତାଙ୍କ ପ୍ରସ୍ତାବକ ଓ ସମର୍ଥକଙ୍କ ଦ୍ୱାରା ନାମାଙ୍କନ ଦାଖଲ କରିଥିଲେ। ତାଙ୍କ ସ୍ତ୍ରୀ ଆଶା କୁମାରୀ ଦାସ ମଧ୍ୟ ନାମାଙ୍କନ ଦାଖଲ କରିଥିଲେ । ସୂଚନାଯୋଗ୍ୟ, ଏହି ନିର୍ବାଚନ ମଣ୍ଡଳୀ ପାଇଁ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ସଭାପତି କାହ୍ନୁଚରଣ ପତିଙ୍କୁ ଦଳୀୟ ଟିକେଟ ମିଳିଛି। ସେ ନିୟମାନୁସାରେ ନାମାଙ୍କନ ଦାଖଲ କରିଥିଲେ। ଗତ ମଙ୍ଗଳବାର ଯାଞ୍ଚ ପରେ କାଏମ ରହିଛି। ପିଣ୍ଟୁ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱୀତା କରିବା ଦ୍ୱାରା ଭାଜପା ପ୍ରାର୍ଥୀ ପତିଙ୍କୁ ଅଡୁଆ ହେବାର ଚର୍ଚ୍ଚା ଚାଲିଛି । ତେବେ କୌଣସି ଫରକପଡ଼ିବନାହିଁବୋଲିକାହ୍ନୁପତିପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସ୍ୱାମୀଙ୍କ ପାଇଁ ମହାନଗରରେ ନିର୍ବାଚନୀ ପ୍ରଚାର କରିବେ ବୋଲି ଆଶା କୁମାରୀ ଗଣମାଧ୍ୟମକୁ କହିଛନ୍ତି। ୨୦୧୪ ନିର୍ବାଚନରେ ପିଣ୍ଟୁ ଦାସ ଭାଜପା ଟିକେଟ ପାଇ ନିର୍ବାଚନ ଲଢ଼ିଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ୨୪ ହଜାରରୁ ଅଧିକ ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ଚଳିତ ନିର୍ବାଚନରେ ବିଚାର ବିଭାଗ ହାଜତରେ ଥିବା ସତ୍ତ୍ୱେ ପୁଣି ଭାଜପା ଟିକେଟ ପାଇବାର ଆଶା ରଖିଥିଲେ। ଏହା ନ ମିଳିବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜେଲ ଭିତରେ ଥାଇ ନାମାଙ୍କନ ଦାଖଲ କରିଥିଲେ ।

## ସେଲ୍ଫି କର୍ଣ୍ଣର


ସାଗର


ବିନୋଦ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | bmpselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ପ୍ରାର୍ଥୀପତ୍ର ପ୍ରତ୍ୟାହାର କଲେ ଆଶା କୁମାରୀ


ଆଶା କୁମାରୀ ଦାସ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୮।୩**

ବ୍ରହ୍ମପୁର ବିଧାନସଭା ଆସନ ପାଇଁ ପୂର୍ବତନ ମେୟର ଶିବ ଶଙ୍କର ଦାସ(ପିଣ୍ଟୁ) ଏବଂ ତାଙ୍କ ସ୍ତ୍ରୀ ଆଶା କୁମାରୀ ଦାସ ଉଭୟ ସ୍ୱାଧୀନ ଭାବେ ଗତ ସୋମବାର ପ୍ରାର୍ଥିପତ୍ର ଦାଖଲ କରିଥିଲେ । ପିଣ୍ଟୁ ଜେଲ୍‌ରେ ଥିବା ବେଳେ ତାଙ୍କ ଅଧୀକୃତ ପ୍ରସ୍ତାବକ ଭାବେ ତାଙ୍କୁ ସ୍ତ୍ରୀ ଆଶା କୁମାରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଗୁରୁବାର ଆଶା କୁମାରୀ ତାଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ରିଟର୍ନିଂ ଅଫିସର ତଥା ଉପଜିଲାପାଳ ଦିଗନ୍ତ ରାଉତରାୟଙ୍କ ପାଖରେ ଆଶା କୁମାରୀ ପ୍ରାର୍ଥିପତ୍ର ପ୍ରତ୍ୟାହାର ଆବେଦନ କରିଥିଲେ। ଫଳରେ ବର୍ତ୍ତମାନ କେବଳ ପିଣ୍ଟୁଙ୍କ ପ୍ରାର୍ଥିପତ୍ର ହିଁ ରହିଛି। ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ।

## ରାହୁଲ ୪ରେ ଆସିବେ ମୋହନା

**ବ୍ରହ୍ମପୁର ଅଫିସ,୨୮।୩**

ଜାତୀୟ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଆସନ୍ତା ୪ ତାରିଖରେ ବ୍ରହ୍ମପୁର ଲୋକ ସଭା ଅଧୀନ ମୋହନା ବିଧାନସଭା କ୍ଷେତ୍ରର ବଡ଼ପଦା ଆସିବେ। ସେଠାରେ କଂଗ୍ରେସର ନିର୍ବାଚନୀ ପ୍ରଚାର ସଭାରେ ଯୋଗଦେବେ। ଗଞ୍ଜାମ ଜିଲା କଂଗ୍ରେସ ସଭାପତି ତ୍ରିନାଥ ବେହେରା ଗୁରୁବାର ଏହି ସୂଚନା ଦେଇଛନ୍ତି। ବ୍ରହ୍ମପୁର ସହରକୁ ଆସି ଏକ ରୋଡ ଶୋ କରିବାକୁ ପ୍ରୟାସ ଚାଲିଥିବା ବେହେରା ଦର୍ଶାଇଛନ୍ତି । ଆଦିବାସୀ ବହୁଳ ଗଜପତି ଜିଲାର ମୋହନାକୁ ରାହୁଲ ଆସିବା ଦ୍ୱାରା ଭୋଟରଙ୍କୁ ପ୍ରଭାବିତ କରିପାରିବାର ସେ ଦର୍ଶାଇଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୧ତାରିଖରେ ବ୍ରହ୍ମପୁର ଲୋକ ସଭା ଓ ଏହା ଅଧୀନ ଛତ୍ରପୁର, ବ୍ରହ୍ମପୁର, ଗୋପାଳପୁର, ଚିକିଟି, ଦିଗପହଣ୍ଡି, ମୋହନା ଏବଂ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ହେବ । ଶିଳ୍ପପତି ଭି. ଚନ୍ଦ୍ରଶେଖର ନାଇଡୁ ଲୋକ ସଭା ପାଇଁ କଂଗ୍ରେସ ପ୍ରାର୍ଥୀ ହୋଇଛନ୍ତି। ଛତ୍ରପୁର ସେଗମେଣ୍ଟରେ କଂଗ୍ରେସ ପ୍ରାର୍ଥୀ ନ ଦେଇ ସିପିଆଇକୁ ଛାଡ଼ି ଦିଆଯାଇଛି । ଅବଶିଷ୍ଟ ୬ ବିଧାନସଭା କ୍ଷେତ୍ରରେ ଦଳୀୟ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ୨୦୦୯ ନିର୍ବାଚନରେ କଂଗ୍ରେସର ଏମ୍‌ପି ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କୁ ପରାସ୍ତ କରି ବିଜେଡିରୁ ପ୍ରଥମ କରି ସିଦ୍ଧାନ୍ତ ମହାପାତ୍ର ନିର୍ବାଚିତ ହୋଇଥିଲେ । ମୋହନା ସେଗ୍‌ମେଣ୍ଟରୁ କଂଗ୍ରେସ ପ୍ରାର୍ଥୀ ଚକ୍ରଧର ପାଇକ ଜିତିଥିଲେ ।
ସେହିପରି ୨୦୧୪ ନିର୍ବାଚନରେ ମଧ ବ୍ରହ୍ମପୁର ଲୋକ ସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଚନ୍ଦ୍ରଶେଖର ସାହୁଙ୍କୁ ହରାଇ ସିଦ୍ଧାନ୍ତ ଦ୍ୱିତୀୟଥର ବିଜେଡିରୁ ଏମ୍‌ପି ହୋଇଥିଲେ । ତେବେ ପାରଳାଖେମୁଣ୍ଡି ସେଗ୍‌ମେଣ୍ଟରେ କଂଗ୍ରେସ ପ୍ରାର୍ଥୀ ସୁରିଆ ରାଓ ନିର୍ବାଚିତ ହୋଇଥିଲେ। ଏହା ସହ ମୋହନା, ଦିଗପହଣ୍ଡି, ଚିକିଟି, ଗୋପାଳପୁର, ବ୍ରହ୍ମପୁର ଓ ଛତ୍ରପୁର ସେଗ୍‌ମେଣ୍ଟରେ ବିଜେଡି ପ୍ରାର୍ଥୀମାନେ ବିଧାୟକ ହୋଇଥିଲେ। ଦଳ ପରିବର୍ତ୍ତନ କରିଥିବା ଚନ୍ଦ୍ରଶେଖର ସାହୁ ଏବେ ବ୍ରହ୍ମପୁର ଲୋକ ସଭା କ୍ଷେତ୍ରରୁ ବିଜେଡି ପ୍ରାର୍ଥୀ ହୋଇଛନ୍ତି । ତାଙ୍କୁ ଟକ୍କର ଦେବା ପାଇଁ ଭି. ଚନ୍ଦ୍ରଶେଖର ନାଇଡୁ କଂଗ୍ରେସରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ନାମାଙ୍କନଠାରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର ପର୍ବ ଗୁରୁବାର ଶେଷ ହୋଇଛି। ନୂଆ ପୁରୁଣା ଦୁଇ ଚନ୍ଦ୍ରଶେଖରଙ୍କ ବିଗ୍ ଫାଇଟ ହେବା ଚାଲିଛି ଚର୍ଚ୍ଚା। ଭାଜପାରୁ ମଧ ନୂଆ ଚେହେରା ଭୃଗୁ ବକ୍ସିପାତ୍ର ପ୍ରାର୍ଥୀ ହୋଇଛନ୍ତି ।

# ପାର୍କିଂ ନ ଥାଇ ମାର୍କେଟ୍ କମ୍ପ୍ଲେକ୍ସ

**ବ୍ରହ୍ମପୁର ଅଫିସ,୨୮।୩**

କ୍ରମବର୍ଦ୍ଧିଷ୍ଣୁ ବ୍ରହ୍ମପୁର ସହରରେ ଗାଡ଼ି ପାର୍କିଂ କରିବା ଏକ ମୁଖ୍ୟ ସମସ୍ୟା ଭାବେ ମୁଣ୍ଡ ଟେକୁଛି । ମୁଖ୍ୟରାସ୍ତାଠାରୁ ଗଳିକନ୍ଦି ପର୍ଯ୍ୟନ୍ତ ସବୁଆଡେ ଗାଡ଼ି ପାର୍କିଂଜନିତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସହରବାସୀ। ପାର୍କିଂ ସ୍ଥାନ ନ ଥାଇ ବ୍ୟବସାୟିକ ପ୍ରତିଷ୍ଠାନ, କୋଠା ଏବଂ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଯୋଗୁ ଏହି ସମସ୍ୟା ତୀବ୍ର ହେଉଥିବା କୁହାଯାଉଛି । ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ(ବିଡ଼ିଏ) ଏଭଳି ବେଆଇନ୍ ନିର୍ମାଣ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବାରୁ ସହରରେ ଛତୁ ଫୁଟିଲା ଭଳି ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ହେଉଛି ।
ବ୍ରହ୍ମପୁର ସହରର ସାନବଜାର ଛକ ପାଖରେ ଥିବା ଭେଙ୍କଟେଶ୍ୱର ମନ୍ଦିରଠାରୁ ଗାଦିବାରୀ ସାହି ଦେଇ ଏକ ରାସ୍ତା ବଡ଼ବଜାରକୁ ସଂଯୋଗ କରିଛି । ଏହି ରାସ୍ତା ଅଣଓସାରିଆ। ଏହି ରାସ୍ତା କଡ଼ରେ ପୂର୍ବରୁ ନିର୍ମିତ କେତେକ ଦୋକାନର ପାର୍କିଂ ସ୍ଥାନ ନାହିଁ। ଫଳରେ ଗ୍ରାହକଙ୍କଠାରୁ ଆରମ୍ଭକରି ଦୋକାନୀମାନେ ରାସ୍ତା


ଗାଦିବାରୀସାହି ନିକଟ ରାସ୍ତା କଡ଼ରେ ନିର୍ମାଣାଧୀନ ମାର୍କେଟ୍ କମ୍ପ୍ଲେକ୍ସ ।

ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ରାସ୍ତାର ଅଧାରୁ ଅଧିକ କେବଳ ଗାଡ଼ି ପାର୍କିଂରେ ଭରିଯାଉଛି । ଏଭଳି କ୍ଷେତ୍ରରେ ଏହି ରାସ୍ତାରେ ଏବେ ଏକ ମାର୍କେଟ୍ କମ୍ପ୍ଲେକ୍ସ ନିର୍ମାଣ ଚାଲିଛି। ଅଣଓସାରିଆ ରାସ୍ତା କଡ଼ରେ ଏହି ଦୁଇ ମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି। ସ୍ୱତନ୍ତ୍ର ପାର୍କିଂ ଜାଗା ନ ଥାଇ ଡ୍ରେନ୍ କଡ଼ରେ ହେଉଥିବା ଏହି କମ୍ପ୍ଲେକ୍ସ ଥରେ କାର୍ଯ୍ୟକ୍ଷମ ହେଲେ ବହୁତ ସମସ୍ୟା ସୃଷ୍ଟି ହେବା ନିଶ୍ଚିତ। ସେହିପରି ଭେଙ୍କଟେଶ୍ୱର ମନ୍ଦିର, ଉତ୍କଳ ହଲ୍ ଛକ ଏବଂ ଗାଦିବାରୀସାହିରୁ ବଡ଼ବଜାରକୁ ଯିବା ପାଇଁ ଯେଉଁମାନେ ଏହି ରାସ୍ତାରେ ଆସିବେ ସେମାନଙ୍କ ପାଇଁ ସମସ୍ୟା ଜଟିଳ ହେବ। ଦୁଇ ପଟରେ କମ୍ପ୍ଲେକ୍ସ ଯୋଗୁ ରାସ୍ତା ସମ୍ପୂର୍ଣ୍ଣ ଭାବେ ଯାନବାହନ ପାର୍କିଂରେ ଭର୍ତ୍ତି ହୋଇଯିବ ।
ଗତ କିଛି ମାସ ହେଲା ଏହି କମ୍ପ୍ଲେକ୍ସର ନିର୍ମାଣ କାର୍ଯ୍ୟ ଚାଲିଛି । କିନ୍ତୁ ବିଡ଼ିଏ କର୍ତ୍ତୃପକ୍ଷ ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ନେବା, ଏପରିକି ସମ୍ପୃକ୍ତ ନିର୍ମାଣକାରୀଙ୍କୁ ତାଗିଦ୍ ନ କରିବା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚକିତ କରିଛି। ସହରର ବିଭିନ୍ନ ସ୍ଥାନରେ ନିୟମିତ ଏଭଳି ବେଆଇନ୍ ନିର୍ମାଣ କାର୍ଯ୍ୟ କରାଯାଉଥିଲେ ମଧ୍ୟ ବିଡ଼ିଏ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହିଁ। ଅସାଧୁ ବ୍ୟବସାୟୀମାନେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ବେଳେ ବିଡ଼ିଏ ଠାରୁ ଅନୁମତି ନେଉନାହାନ୍ତି। ବିଡ଼ିଏ ଅଧିକାରୀମାନେ ସବୁ ଜାଣୁଥିଲେ ମଧ ବେଆଇନ୍ ନିର୍ମାଣ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଫଳରେ ବେଆଇନ ମାର୍କେଟ୍ କମ୍ପ୍ଲେକ୍ସ ଖୋଲିବା ସହ ଗାଡି ପାର୍କିଂ ପାଇଁ ସ୍ଥାନ ନ ଥିବାରୁ ଟ୍ରାଫିକ ସମସ୍ୟା ବଢୁଥିବା ଆଲୋଚନା ହେଉଛି ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ଶୁକ୍ରବାର, ମାର୍ଚ୍ଚ ୨୯/୨୦୧୯ Berhampur, Friday, March 29/ 2019

# ସମସ୍ୟା ସମାଧାନ ନ ହେଲେ ଭୋଟ ବର୍ଜନ ନିଷ୍ପତ୍ତି

ଖଜୁରିପଡ଼ା,୨୮।୩(ଡି.ଏନ୍.ଏ.)

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକର ବିଲାବାଡି ପଞ୍ଚାୟତବାସୀ ବିଭିନ୍ନ ସମସ୍ୟା ମଧ୍ୟରେ ଅଛନ୍ତି। ଏହାର ସମାଧାନ ନେଇ ମଙ୍ଗଳବାର ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ଆସି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ବ୍ଲକର ୧୪ ପଞ୍ଚାୟତରୁ ବିଲାବାଡ଼ି ଗ୍ରାମପଞ୍ଚାୟତ ଅନ୍ୟତମ। ୨୫ ଶହରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏହି ପଞ୍ଚାୟତରେ ୧୯ଶହରୁ ଅଧିକ ମତଦାତା ରହିଛନ୍ତି। ଫୁଲବାଣୀରୁ ବୌଦ୍ଧ ଜିଲାକୁ ସଂଯୋଗ କରୁଥିବା ୧୫୭ ନଂ. ଜାତୀୟ ରାଜପଥର ପାଣିଶାଳଠାରୁ ପଞ୍ଚାୟତ କାର୍ଯ୍ୟାଳୟ ଯିବାକୁ ହେଲେ ୧୧ କି.ମି ଦୂର ପଡ଼ିଥାଏ। ୪ରୁ ୫ ବର୍ଷ ହେଲା ପଞ୍ଚାୟତ କାର୍ଯ୍ୟାଳୟ ଯିବାପାଇଁ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ତାହା ମଧ୍ୟ ଅଧାରେ ଅଟକି ରହିଛି। ସେହିପରି ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଆରମ୍ଭ ହୋଇ ପଞ୍ଚାୟତ ହେଡ କ୍ୱାଟର ପର୍ଯ୍ୟନ୍ତ ପହଞ୍ଚିଛି। ଅନ୍ୟ ଗ୍ରାମ ଗୁଡ଼ିକୁ ମଧ୍ୟ ରାସ୍ତା ନାହିଁ। ୨୦୧୮ ନଭେମ୍ବରରେ ଉକ୍ତ ପଞ୍ଚାୟତର ମା' ବରାଳ ଦେବୀ ନାରୀ ମହାସଂଘ ଆହ୍ୱାନରେ ୧୪ ଖଣ୍ଡ ଗ୍ରାମବାସୀଙ୍କୁ ନେଇ କୁଟୀବାରୀ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଜୁରିପଡ଼ା ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ଓ ସ୍ଥାନୀୟ ପଞ୍ଚାୟତ ସରପଞ୍ଚଙ୍କୁ ଡକାଇ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବା ସହ ୨୦୧୯ରେ ସାଧାରଣ ନିର୍ବାଚନ ପୂର୍ବରୁ କୁଟୀବାରୀଠାରୁ ପାଣିଶାଳା ଏବଂ ସୁଣ୍ଡା ପଥରରୁ ଶିକାରୀ, ଗାଁ କୁ ଗାଁ ସଂଯୋଗ ପାଇଁ ରାସ୍ତା ନିର୍ମାଣ କରାନଗଲେ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଥିଲେ। ଏହା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ତଥାପି କୌଣସି କାର୍ଯ୍ୟ କରାନଯିବାରୁ ସେମାନଙ୍କ ନିଷ୍ପତ୍ତି ପ୍ରକାରେ ମଙ୍ଗଳବାର ମା' ବରାଳ ଦେବୀ ନାରୀ ମହାସଂଘ ନେତୃତ୍ୱରେ ଶତାଧିକ ମହିଳା ପୁରୁଷ କନ୍ଧମାଳ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଭୋଟ ବର୍ଜନ ନିଷ୍ପତ୍ତି ନେଇ ଏକ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।



ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମବାସୀ।


## ଏକ ବିନମ୍ର ନିବେଦନ

ଆସନ୍ତା ସାଧାରଣ ନିର୍ବାଚନରେ **ଭୁବନେଶ୍ୱର ଲୋକସଭା ଆସନରୁ ସି.ପି.ଆଇ.ଏମ୍.ର ପ୍ରାର୍ଥୀ** ଭାବେ ମୁଁ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ପାର୍ଟି ସ୍ଥିର କରିଛି। ଭାରତୀୟ ଜାତୀୟ କଂଗ୍ରେସ, ସି.ପି.ଆଇ. ପାର୍ଟି ସମେତ ରାଜ୍ୟର ସମସ୍ତ ବାମପନ୍ଥୀ, ସମାଜବାଦୀ ଓ ପ୍ରଗତିଶୀଳ ବ୍ୟକ୍ତିବିଶେଷମାନେ ମୋତେ ସମର୍ଥନ ଦେବାକୁ ଘୋଷଣା କରିଛନ୍ତି। ଲୋକସଭାରେ ଓଡ଼ିଶାର ଜନସାଧାରଣଙ୍କ ସମସ୍ୟା ତଥା ଜାତୀୟ ପ୍ରସଙ୍ଗରେ ଓଡ଼ିଶାର ମତାମତକୁ ଯଥାଯଥ ଭାବେ ଉତ୍ଥାପନ କରିପାରିବି ବୋଲି ଭରସା ଦେଉଛି।

ଭୁବନେଶ୍ୱର ଲୋକସଭା ନିର୍ବାଚନ ମଣ୍ଡଳୀ ତଥା ସମଗ୍ର ରାଜ୍ୟର, ବୁଦ୍ଧିଜୀବୀ, ଶ୍ରମଜୀବୀ ତଥା ଯୁବକଯୁବତୀମାନେ ସମର୍ଥନ ଦେବାକୁ ମୁଁ ନିବେଦନ କରୁଛି। ଅଗଣିତ ବନ୍ଧୁ, ପ୍ରିୟଲୋକ ଓ ଶୁଭେଚ୍ଛୁମାନଙ୍କ ପାଖକୁ ମୁଁ ନିଜେ ବ୍ୟକ୍ତିଗତ ଭାବେ ଯାଇ ପହଞ୍ଚି ନ ପାରୁଥିବାରୁ ମୁଁ ଦୁଃଖିତ। ମାତ୍ର ଆପଣମାନଙ୍କ ଶୁଭେଚ୍ଛା ଓ ଆଶୀର୍ବାଦ କାମନା କରୁଛି।

ସତ୍ୟ ଓ ନ୍ୟାୟର ବିଜୟ ହେବ, ଅନ୍ୟାୟ, ଦୁର୍ନୀତି ଓ ଶଠତାର ବିଲୟ ଘଟିବ।

ସମସ୍ତଙ୍କୁ ନମସ୍କାର।

**ଜନାର୍ଦ୍ଦନ ପତି,** ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ)
Janardan Pati- 9437007770, Mail ID: janardanpati1947@gmail.com
Manmohan Pati- 8895015522, Mail ID: manmohan.pati@gmail.com
ସୌଜନ୍ୟ: ଇଂ. ମନମୋହନ ପତି

## କଂଗ୍ରେସର ମିଶ୍ରଣ ପର୍ବ

ତେନ୍ତୁଳିଖୁଣ୍ଟି,୨୮।୩(ଡି.ଏନ.ଏ)– ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଞ୍ଚଳଗୁମ୍ମା ପଞ୍ଚାୟତର ୧୫ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀ ଦଳ ଛାଡି କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ସଦନ ନାୟକ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଅଖିଳ ଭତ୍ରା, ଜୋନ କଂଗ୍ରେସ ଉପସଭାପତି ଦୁର୍ଲଭ କନ୍ଧ ଗୌଡ, ବିପିନ ଟାକ୍ରି, ଦ୍ୱାରିକା ମହାପାତ୍ର, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଘାଟି ରାସ୍ତାରେ ଗାଡ଼ି ଓଲଟି ୮ ଆହତ

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)
ଗଜପତି ଜିଲା ଗୁମ୍ମା ବ୍ଲକ ତହଜଙ୍ଗ ଗ୍ରାମ ନିକଟ କୋଣ୍ଡା ପାର୍ଶମ୍ଭା ଘାଟି ରାସ୍ତାରେ ଗୁରୁବାର ଏକ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇ ଡ୍ରାଇଭରଙ୍କ ସମେତ ୮ଜଣ ଆହତ ହୋଇଛନ୍ତି। ଆହତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ତେବେ ଦୁର୍ଘଟଣା ପରେ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆସିବାରେ ବିଳମ୍ବ ହେବାରୁ ଉକ୍ତ ରାସ୍ତା ଦେଇ ଯାଉଥିବା ପାରଳାଖେମୁଣ୍ଡି ବିଧାୟକ କେ. ସୂରିୟା ରାଓ ସେମାନଙ୍କୁ ନିଜ ଗାଡ଼ିରେ ନେଇ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପ୍ରକାଶ ଯେ, ଏକ ଭ୍ୟାନ (ଓଡି-୨୦-୦୦୬୮)ରେ ୧୦ଜଣ ଗୁମ୍ମା ବ୍ଲକର ଅନୁଗୁଟିରୁ ନୂଆଗଡ ବ୍ଲକ ଖଜୁରିପଦା ଗାଁକୁ ଏକ ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯାଉଥିଲେ। ଏହି ସମୟରେ ତହଜଙ୍ଗ ଗ୍ରାମ ନିକଟ କୋଣ୍ଡା ପାର୍ଶମ୍ଭା ଘାଟିରେ ଗାଡିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଏଥିରେ କର୍ନିଆଲ ମଣ୍ଡଳ, ଅରୁଣ ଭୂୟାଁ, ଆର୍ଟିୟ ଭୂୟାଁ, କାଲିଆସ ଭୂୟାଁ, ଜିୟରାଂ ଭୂୟାଁ, ଲାବନ ଗମାଙ୍ଗ, ୟେସୁ ଭୂୟାଁ ଓ ଅଭିନାଶ ମଣ୍ଡଳ ଆହତ ହୋଇଛନ୍ତି। ଆହତଙ୍କୁ ବିଧାୟକଙ୍କ ଗାଡିରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଅଭିନାଶଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବିଧାୟକଙ୍କ ସମେତ ଜିଲାପାଳ ଅନୁପମ ସାହା, ଅତିରିକ୍ତ ଜିଲାପାଳ ସ୍ୱାଧାଦେବସିଂ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

### ଦିଗପହଣ୍ଡିରେ କଂଗ୍ରେସର ନିର୍ବାଚନୀ ପ୍ରଚାର

ଦିଗପହଣ୍ଡି,୨୮।୩(ଡି.ଏନ.ଏ.)
ଦିଗପହଣ୍ଡି ଗ୍ରାମାଞ୍ଚଳରେ କଂଗ୍ରେସ ପକ୍ଷରୁ ବୁଧବାର ନିର୍ବାଚନୀ ପ୍ରଚାର ଜୋରଦାର କରାଯାଇଛି। ବ୍ରହ୍ମପୁର ଏମ୍‌ପି ପ୍ରାର୍ଥୀ ଭି. ଚନ୍ଦ୍ରଶେଖର ନାଇଡୁ, ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ପଣ୍ଡା ଶତାଧିକ ସମର୍ଥକଙ୍କୁ ନେଇ ନିର୍ବାଚନ ପ୍ରଚାର କରିଛନ୍ତି। ଦିଗପହଣ୍ଡି ବ୍ଲକ ଭ୍ରମରପୁର, ଚୌଧୁରୀଟିକରପଡ଼ା, ବିଜୟଲକ୍ଷ୍ମୀ ନାରାୟଣପୁର, ଗୌଡ଼ଗାଁ ଓ ବମକେଇ ପଞ୍ଚାୟତ ଅଧୀନ ଗାଁଗୁଡିକୁ ଗସ୍ତ କରି ପ୍ରାର୍ଥୀ ଦ୍ୱୟ ଭୋଟ ଭିକ୍ଷା କରିଥିଲେ। ବିଭିନ୍ନ ଗ୍ରାମରେ ପ୍ରାର୍ଥୀମାନଙ୍କୁ କଂଗ୍ରେସ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ପ୍ରଦେଶ କଂଗ୍ରେସ କାର୍ଯ୍ୟକର୍ତ୍ତା ବିସ୍ମୟ ମହାପାତ୍ର, ଗଞ୍ଜାମ ଜିଲା କଂଗ୍ରେସ କମିଟି କାର୍ଯ୍ୟକର୍ତ୍ତା ଶିବରାମ ପାତ୍ର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ଭି. ରବି ନାରାୟଣ ରାଜୁ, ସରପଞ୍ଚ ପୀତାମ୍ବର ଗୌଡ଼, ପୂର୍ବତନ ସରପଞ୍ଚ କ୍ଷୀରୋଦ ରେଡ୍ଡୀ, ଭି. ଶ୍ୟାମ ସୁନ୍ଦର ରାଜୁ, ନୀଳକଣ୍ଠ ପଟ୍ଟନାୟକ, କେ. କୁନା ଓ ଭଗବାନ ସ୍ୱାଇଁ ପ୍ରମୁଖ ବହୁ ସଂଖ୍ୟକ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ବିଷକ୍ରିୟାରୁ ଛାତ୍ରୀ ମୃତ୍ୟୁ ମାମଲା ହଷ୍ଟେଲରେ ତଦନ୍ତ କଲା ଜିଲା ଶିଶୁ ସୁରକ୍ଷା ୟୁନିଟ

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)
ଗୋଷାଣୀ ବ୍ଲକ ମାରିଙ୍ଗି ସମନ୍ୱିତ ଆଦିବାସୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏକ ହଷ୍ଟେଲରେ ଗତ ୨୪ ତାରିଖରେ ଖାଦ୍ୟ ଜନିତ ବିଷକ୍ରିୟା ଯୋଗୁ ଜଣେ ଛାତ୍ରୀଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୬ଜଣ ଅସୁସ୍ଥ ହୋଇପଡିଥିଲେ। ଏହି ଘଟଣାର ଅନୁଧ୍ୟାନ ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲା ଶିଶୁ ମଙ୍ଗଳ ସମିତିର ଏକ ଟିମ୍ ଉକ୍ତ ହଷ୍ଟେଲରେ ପହଞ୍ଚି ଥିଲେ। ତେବେ ମୃତ୍ୟୁର ପ୍ରକୃତ କାରଣ ସମସ୍ତ ଡାକ୍ତରୀ ରିପୋର୍ଟ ଏବଂ ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ଜଣାପଡିବ ବୋଲି ତଦନ୍ତକାରୀ ଟିମ୍ କହିଛି। ପ୍ରଧାନ ଶିକ୍ଷକଙ୍କ ବ୍ୟତିତ ଅନ୍ୟ ଜଣେ ୱାର୍ଡେନ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ରହିଲେ ଏହାର ସୁପରିଚାଳନା ହୋଇପାରିବ ବୋଲି ତଦନ୍ତକାରୀ ଅଧିକାରୀମାନେ କହିଛନ୍ତି। ପ୍ରକାଶ ଯେ, ଉକ୍ତ ହଷ୍ଟେଲରେ ୨୦ତାରିଖରେ ୮୦ଜଣ ପିଲା ରାତି ଖାଇବା ଖାଇ ଶୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣେ ପିଲା ଭୋରରୁ ଅଚେତ ହୋଇ ପଡିଥିବା ଦେଖି ହଷ୍ଟେଲ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ନେବା ସମୟରେ ତାଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ୬ ଅସୁସ୍ଥ ଛାତ୍ରୀଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଏଠାରେ ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ଉମାକାନ୍ତ ଚୌଧୁରୀ ଉକ୍ତଦିନ ଅନୁପସ୍ଥିତ ଥିଲେ। ମୃତା ନାବାଳିକାଙ୍କୁ ଗତ ୨୦୧୬ରେ ଅପରେସନ ମୁସ୍କାନ-୨ରେ ବାହାର ରାଜ୍ୟରୁ ଅଣାଯାଇ ଏଠାରେ ଥଇଥାନ କରାଯାଇଥିଲା। ଏହି ଟିମ୍‌ରେ ଜିଲା ଶିଶୁ ସୁରକ୍ଷା ୟୁନିଟର ରାଜେଶ ବଳବନ୍ତ, ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ଜେନା, ସଦସ୍ୟ ପ୍ରମୋଦ ନାୟକ, ସଦସ୍ୟା ଅନୀତା ମିଶ୍ର ରହିଥିଲେ।

# ୧୩ ଚୋରା ବାଇକ ଜବତ, ୪ ଗିରଫ

ମୋହନା,୨୮।୩(ଡି.ଏନ.ଏ.)

ଗଜପତି ଜିଲା ମୋହନା ଥାନା ପୋଲିସ ୧୩ ଚୋରା ବାଇକ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନାରଙ୍ଗୀ ଗ୍ରାମର ସୁମିତ ନାୟକ, ବାଦପୁରର ବାବୁଲା ନାୟକ, କଳାମେରୀ ନୂଆ ସାହିର ଟୁକୁ ନାୟକ ଓ ଡେଙ୍ଗିଣିପଦରର ପିଙ୍କୁ ନାୟକ। ଗୁରୁବାର ରାତିରେ ଲୁହାଗୁଡି, କମଳାପୁର, ନାରଙ୍ଗୀ, ବାଦପୁର ଆଦି ବିଭିନ୍ନ ଛକରେ ବାଇକ ଯାଞ୍ଚ କରାଯାଉଥିଲା। ବାଦପୁରର ବାବୁଲା ବାଇକ୍ (ନଂ.ଓଡି ୨୦-୫୬୩୧) ନେଇ ଆସୁଥିବା ବେଳେ ପୋଲିସ ଅଟକାଇ ଯାଞ୍ଚ କରିଥିଲା। ତେବେ ସେ କାଗଜପତ୍ର ଦେଖାଇ ନ ପାରିବାରୁ ଏହା ଚୋରା ବାଇକ ବୋଲି ଜଣାପଡିଥିଲା। ତାଙ୍କ ସୂଚନା ପ୍ରକାରେ ସୁମିତ, ବାବୁଲା ଓ ଟୁକୁଙ୍କୁ ଗିରଫ କରାଯାଇଥିଲା। ପିଙ୍କୁ ବିଭିନ୍ନ ସମୟରେ ଭୁବନେଶ୍ୱର ଓ ବ୍ରହ୍ମପୁର ଅଞ୍ଚଳରୁ ଚୋରା ବାଇକ ଆଣି ମୋହନା ଅଞ୍ଚଳରେ ବିକ୍ରି କରୁଥିବା ବାବୁଲା କହିଥିଲେ। ୪ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ ସେମାନଙ୍କଠାରୁ ୧୩ଟି ଚୋରା ବାଇକ ଜବତ କରିଥିବା ଥାନା ଅଧିକାରୀ ସୁଜିତ ନାୟକ କହିଛନ୍ତି। ବାବୁଲା ଚୋରା ବାଇକକୁ କମ୍ ଦାମରେ ସାଧାରଣ ଲୋକ ଓ ଗଞ୍ଜେଇ ବ୍ୟବସାୟୀଙ୍କୁ ବିକୁଥିବା ପୋଲିସ ଅନୁସନ୍ଧାନରୁ ଜାଣି ପାରିଛି। ଚୋରା ଗାଡି ବିକୁଥିବା ମୁଖ୍ୟ ଅଭିଯୁକ୍ତ ଖୁବଶୀଘ୍ର ଧରାପଡିବେ ବୋଲି ଏସ୍‌ପି ସାରା ଶର୍ମା ଥାନା ପରିସରରେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ସେଠାରେ ଏସଡିପିଓ ଅଶୋକ ମହାନ୍ତି, ମୋହନା ଥାନାଧିକାରୀ ନାୟକ, ଅଡବା ଥାନାଧିକାରୀ ଅଜୟ କୁମାର ବାରିକ, ଏସଆଇ ସିନ୍ଧୁ ସାର୍କା, ଆଲୋକ ରଞ୍ଜନ ଜଗଦଲା, ମମତା ପଣ୍ଡା, ରବୀନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଜବତ ହୋଇଥିବା ବାଇକ୍।

## ଶିକାରୀଙ୍କ ବିଦ୍ୟୁତ୍ ତାର ଲାଗି ମୃତ୍ୟୁ ଘଟଣା, ୨ ଗିରଫ

ଜଗନ୍ନାଥପ୍ରସାଦ,୨୮।୩(ଡି.ଏନ୍.ଏ.)

ଜଗନ୍ନାଥପ୍ରସାଦ ଭୁକ୍ତାଭୂମି ଗ୍ରାମ ନିକଟ ରାସ୍ତା ଉପରେ ବାର୍‌ହା ଶିକାର ପାଇଁ ବିଛା ଯାଇଥିବା ବିଦ୍ୟୁତ୍ ତାରରେ ଲାଗି ଗତ ୨୧ ରାତିରେ ଗୋଡିପଲି ଗ୍ରାମର କୈଳାସ ଦଳାଇଙ୍କର ମୃତ୍ୟୁ ଘଟିଥିଲା। ଗୁରୁତର ଦୁଇସାଙ୍ଗ ଦିବ୍ୟଲୋଚନ ଗୌଡ଼, ନିରଞ୍ଜନ ଡାକୁଆଙ୍କୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ମୃତ ବ୍ୟକ୍ତିଙ୍କ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୪୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏ ନେଇ ବୁଧବାର ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କୁମୁଣ୍ଡା ଗ୍ରାମର ଚରଣ ନାୟକ, ଭୁକ୍ତାଭୂମି ଗ୍ରାମର ଯୁଧୀଷ୍ଠିର ନାୟକ। ବାର୍‌ହା ଶିକାର ପାଇଁ ଏଭଳି ଯୋଜନା କରାଯାଇଥିବା ଅଭିଯୁକ୍ତମାନେ ମାନିବା ସହ ଏଥିରେ କିଛି ସହଯୋଗୀ ସାମିଲ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ଶିକାରରେ ବ୍ୟବହୃତ ୧୫୦୦ମିଟର ଜିଆଇ ତାର ଓ ବାଉଁଶ କାଠି ଜବତ ହୋଇଛି। ଗିରଫ ୨ ଜଣଙ୍କୁ କୋର୍ଟ ଚାଲାଣ କରାଯିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଧରା ଯିବ ବୋଲି ତଦନ୍ତକାରୀ ଅଫିସର ଏସ୍‌ଆଇ ବାସୁଦେବ ଭୋଇ କହିଛନ୍ତି।

## ଭାଜପାର ମିଶ୍ରଣ ପର୍ବ

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)

ଗଜପତି ଜିଲା ଗୋଷାଣୀ ବ୍ଲକ ଉପଲଡା ଗ୍ରାମରେ ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ବିଧାୟକ କେ.ନାରାୟଣ ରାଓ ନୂତନ ଭାବେ ଭାଜପାରେ ଯୋଗଦେଇ ପାରଳାଖେମୁଣ୍ଡି ବିଧାନସଭା ମଣ୍ଡଳୀ ପାଇଁ ଦଳୀୟ ପ୍ରାର୍ଥୀ ହେବାପରେ ଗୁରୁବାର ଏକ ମିଶ୍ରଣ ପର୍ବ କରାଯାଇଛି। ଏହି ଅବସରରେ କଂଗ୍ରେସର ୱାର୍ଡ ମେମ୍ବର ଏସ୍.ପାପି, ଏସ୍.ଭାସ୍କର ରାଓ, ଏସ୍.ରାମବାବୁ, ପୂର୍ବତନ ସରପଞ୍ଚ ଏଲ୍.ରାଣୀ ଆମ୍ମା, ଦୀଲେଶ୍ୱର ରାଓ ପ୍ରମୁଖ ଭାଜପାରେ ମିଶିଥିଲେ।

## ପୁରସ୍କୃତ ହେଲେ ସ୍କାଉଟ, ଗାଇଡ ଅନୁଷ୍ଠାନ

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)

ରାଜ୍ୟସ୍ତରୀୟ ସ୍କାଉଟ ଓ ଗାଇଡ ଅନୁଷ୍ଠାନ ପକ୍ଷରୁ ୨୦୧୮–୧୯ ଶିକ୍ଷାବର୍ଷରେ ଅନୁଷ୍ଠିତ ହୋଇଥିବା ଏକ ଜିଲାସ୍ତରୀୟ ରାଲିରେ ଗଜପତି ଜିଲାର ସଫଳ ପ୍ରଦର୍ଶନ ପାଇଁ ଜିଲା ସ୍କାଉଟ ଓ ଗାଇଡ୍ ଶାଖାକୁ ରାଜ୍ୟପାଳ ଗଣେଶୀ ଲାଲ ପୁରସ୍କୃତ କରିଛନ୍ତି। ଭୁବନେଶ୍ୱରର ରାଜଭବନ ଠାରେ ଅନୁଷ୍ଠିତ ହୋଇଥିବା ଏକ ସମ୍ବର୍ଦ୍ଧନା ଉତ୍ସବରେ ଜିଲା ରାଜ୍ୟପାଳ ସ୍କାଉଟ ଓ ଗାଇଡ୍ ଶାଖାକୁ ସିଲ୍, ମାନପତ୍ର ଦେଇଛନ୍ତି। ସେହିପରି ସ୍କାଉଟ ଓ ଗାଇଡର ଗଜପତିଜିଲା ସଙ୍ଗଠକ କ ସଞ୍ଜୟ କୁମାର ପାତ୍ରଙ୍କୁ ତାଙ୍କର ସେବା ନିମନ୍ତେ ରାଜ୍ୟପାଳଙ୍କଠାରୁ ସେବା ପଦକ ଓ ମାନପତ୍ର ମିଳିଛି। ଏହି ସମୟରେ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମଧ୍ୟ ଉପସ୍ଥିତ ଥିଲେ।




# ସମାଜକୁ ସୁବାର୍ତ୍ତା ଦେଲାଭଳି ନାଟକ ରଚନା ଜରୁରୀ


ବୈଠକରେ ଉପସ୍ଥିତ ଅତିଥି।

ପାରଳାଖେମୁଣ୍ଡି, ୨୮।୩ (ସ୍ୱ.ପ୍ର.)

ପାରଳାଖେମୁଣ୍ଡି କରଣ ସାହିସ୍ଥିତ ବିଜୟ କ୍ଲବରେ ନାଟ୍ୟ ଅନୁଷ୍ଠାନ ତରଙ୍ଗରଙ୍ଗ ପକ୍ଷରୁ ମଞ୍ଚ ନାଟକର ବିକାଶ ନେଇ ଏକ ବୈଠକ କରାଯାଇଛି। ବିଶ୍ୱ ନାଟ୍ୟ ଦିବସ ପାଳନ ଅବସରରେ ଅନୁଷ୍ଠିତ ଏହି ବୈଠକରେ ନାଟ୍ୟଶ୍ରୀ ଦେବେନ୍ଦ୍ର ଦାସ, ନାଟ୍ୟ ନିର୍ଦ୍ଦେଶକ ପ୍ରବୀଣ କୁମାର ପଣ୍ଡା, ଗୁରୁ ରଘୁନାଥ ପାତ୍ର ଏବଂ କ୍ରିଏଟିଭ୍ ଆର୍ଟର ସଭାପତି ନୃସିଂହ ଚରଣ ପଟ୍ଟନାୟକ ଅତିଥିଭାବେ ଯୋଗଦେଇଥିଲେ। ଉପାନ୍ତ ଅଞ୍ଚଳରେ ଓଡ଼ିଆ ମଞ୍ଚ ନାଟକ ବଞ୍ଚାଇ ରଖିବା ଦିଗରେ ତରଙ୍ଗରଙ୍ଗ ଭଳି ନାଟ୍ୟ ଅନୁଷ୍ଠାନର ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ। ନୂତନ କଳାକାରମାନଙ୍କୁ ଉପଯୁକ୍ତ ପରିବେଶ ଯୋଗାଇ ଦେଇ ପାରିଲେ ମଞ୍ଚ ନାଟକ ସହ କଳାକାରଙ୍କ ଅଭିନୟରେ ମଧ୍ୟ ବିକାଶ ଅଣାଯାଇପାରିବ ବୋଲି ସେମାନେ କହିଥିଲେ। ସମାଜକୁ ଦିଗ୍‌ଦର୍ଶନ ଓ ସୁବାର୍ତ୍ତା ଦେଲାଭଳି ନାଟକ ରଚନା କରିବା ଆବଶ୍ୟକ ବୋଲି ମଞ୍ଚାସୀନ ଅତିଥିମାନେ କହିଥିଲେ। ସେହିପରି ଶିଶୁ ନାଟକ, ମଞ୍ଚ ନାଟକ, ଯୁବ ଓ ମହିଳା କଳାକାର ଏବଂ ନାଟ୍ୟ କର୍ମଶାଳା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ବରିଷ୍ଠ ସଦସ୍ୟ ଆଦର୍ଶ ଦାସ କ୍ୟୁବାର ନାଟ୍ୟକାର, ନିର୍ଦ୍ଦେଶକ ଓ ନାଟ୍ୟ ଗୁରୁ ପ୍ରଧାପକ କାର୍ଲସ୍ ସେଲ୍‌ଡ୍ରେନ୍‌ଙ୍କ ବାର୍ତ୍ତା ପଠନ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମଞ୍ଚ କଳାକାର ଯୋଗଦେଇ ସେମାନଙ୍କ ଅନୁଭୂତି ବାଣ୍ଟିଥିଲେ।

# ଗଞ୍ଜେଇ ସହ ବାଇକ୍ ଜବତ, ୨ ଗିରଫ



ଗିରଫ ୨ ଅଭିଯୁକ୍ତ ଓ ଜବତ ହୋଇଥିବା ଗଞ୍ଜେଇ ।

ବାଲିଗୁଡ଼ା,୨୮।୩(ଡି.ଏନ୍.ଏ.)

ବାଲିଗୁଡ଼ା ପୋଲିସ ଗଞ୍ଜେଇ ଚାଲଣ ବେଳେ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସୋରଡ଼ାର ଗଣେଶ ଗୌଡ ଓ ଆସ୍କା ସାପୁଆପଲ୍ଲିର ଅଲେଖ ନାହାକ । ତାଙ୍କ ନିକଟରୁ ୯ କେଜି ୩୦୦ ଗ୍ରାମ ଗଞ୍ଜେଇ ସହ ବାଇକ୍ ଜବତ ହୋଇଛି।

ବାଲିଗୁଡା ପୋଲିସ ସ୍ଥାନୀୟ ପିଡବୁଡି ଛକ ନିକଟରେ ଗାଡିମୋଟର ଯାଞ୍ଚ କରୁଥିଲା। ଏହି ସମୟରେ ବାରଖମା ପଟରୁ ଆସୁଥିବା ଏକ ବାଇକ୍‌କୁ ପୋଲିସ ଅଟକାଇବା ପାଇଁ ଚେଷ୍ଟା କଲା କିନ୍ତୁ ଗାଡି ନରଖି ଦ୍ରୁତ ଗତିରେ ସେଠାରୁ ପଳେବାରୁ ପୋଲିସ ତାକୁ ପିଛା କରିଥିଲା। ପରେ ବସ୍‌ଷ୍ଟାଣ୍ଡ ନିକଟ ନୂଆସାହି ଛକରେ ବାଇକ୍ ଭାରସାମ୍ୟ ହରାଇ ପଡିଯାଇଥିଲା । ପୋଲିସ ଗାଡି ଓ ବସ୍ତାରେ ଥିବା ଗଞ୍ଜେଇ ସହ ୨ ଜଣଙ୍କୁ ଥାନାକୁ ଆଣିଥିଲା। ଥାନାରେ ବସ୍ତାକୁ ଖୋଲି ଦେଖିବା ପରେ ସେଥିରେ ଥିବା ଗଞ୍ଜେଇକୁ ଜବତ କରିଥିଲା। ଏ ନେଇ ନଂ. ୫୬/୨୦୧୯ରେ ମାମଲା ରୁଜୁ କରି କୋର୍ଟ ଚାଲଣ କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି।






2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ